ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1472/19-03-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୧୯ ମାର୍ଚ୍ଚ,୨୦୨୧

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ଭିଡିଓ କନ୍‌ଫରେନ୍ସ ଜରିଆରେ ଆପଦକାଳୀନ ତ୍ୱରିତ ସହାୟତା ବ୍ୟବସ୍ଥା ଡାଏଲ୍-୧୧୨ର ଶୁଭାରମ୍ଭ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜିଠାରୁ ଜନସାଧାରଣ ବିପଦପୂର୍ଣ୍ଣ ସମୟରେ ପୁଲିସ, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ, ବିପର୍ଯ୍ୟୟ ମୁକାବିଲା ଏବଂ ଅନ୍ୟାନ୍ୟ ଆପଦକାଳୀନ ସେବାସଂପୃକ୍ତ ଆବଶ୍ୟକତା ନିମନ୍ତେ ଏକକ ନମ୍ବର ୧୧୨କୁ ଡାଏଲ୍ କରିପାରିବେ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ମଧ ଅତ୍ୟାଧୁନିକ ରାଜ୍ୟ ଆପଦକାଳୀନ ବ୍ୟବସ୍ଥା କେନ୍ଦ୍ର ଉଦ୍‌ଘାଟନ କରିବା ସହିତ ମୋବାଇଲ୍ ଡାଟା ଟର୍ମିନାଲସଂପନ୍ନ ଆପଦକାଳୀନ ତ୍ୱରିତ ସେବା ପ୍ରଦାୟକ ଯାନର ଶୁଭାରମ୍ଭ କରିଛନ୍ତି । ଏହି ପ୍ରକଳ୍ପ ପାଇଁ ଓଡ଼ିଶା ସରକାର ୧୫୭.୧୨ କୋଟି ଟଙ୍କାର ବ୍ୟବସ୍ଥା ଓ ୨୫୦୦ ପଦବୀର ବନ୍ଦୋବସ୍ତ କରିଛନ୍ତି । ଏହି ନୂତନ ବ୍ୟବସ୍ଥା ଫଳରେ ଏବେ ପ୍ରଚଳିତ ପୁଲିସ୍-୧୦୦, ଅଗ୍ନିଶମ-୧୦୧ ଓ ଆମ୍ବୁଲାନ୍ସ-୧୦୮/୧୦୨ ନମ୍ବରଗୁଡ଼ିକ ୧୧୨ ନିଃଶୁଳ୍କ ନମ୍ବର ସହିତ ପର୍ଯ୍ୟାୟ କ୍ରମେ ସମନ୍ୱିତ ହେବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ନୂତନ ବ୍ୟବସ୍ଥା ଉପରେ ସନ୍ତୋଷ ବ୍ୟକ୍ତ କରି କହିଛନ୍ତି ଯେ ଏହି ବ୍ୟବସ୍ଥାରେ ଭଏସ୍ କଲ୍, ଏସ୍‌ଏମ୍‌ଏସ୍, ପ୍ୟାନିକ୍ ଏସ୍‌ଓଏସ୍ ଅନୁରୋଧ ଏବଂ ୱେବ୍ ଅନୁରୋଧ ମଧ ସ୍ୱତନ୍ତ୍ର ଭାବରେ ବିକଶିତ ୧୧୨ ଇଣ୍ଡିଆ ଆପ୍ ମାଧମରେ ବିଭିନ୍ନ ତଥ୍ୟ ଗ୍ରହଣ କରିବାର ସୁବିଧା ରହିଥିବା ୨୪ ଘଣ୍ଟିଆ ସେବା ଉପଲବ୍ଧ ହେବ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆପଦକାଳୀନ ତ୍ୱରିତ ସେବା କେନ୍ଦ୍ରଟି ଜିଲ୍ଲା ସ୍ତରରେ ୩୪ଟି ଜିଲ୍ଲା ସମନ୍ୱୟ କେନ୍ଦ୍ର ସହିତ ଡିଜିଟାଲ୍ ମାଧମରେ ସଂଯୁକ୍ତ ହୋଇଛି ଏବଂ ଠିକଣା ଭାବରେ ଆପଦକାଳୀନ ସେବା ପ୍ରଦାୟକ ଯାନଗୁଡ଼ିକ ପ୍ରସ୍ତୁତ ରହିଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ୧୧୨ ଇଣ୍ଡିଆ ମୋବାଇଲ୍ ଆପ୍ ଡାଉନ୍‌ଲୋଡ୍ କରିବା ଏବଂ ବିପଦ ସମୟରେ ନିଜ ନିଜ ଅଞ୍ଚଳର ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ୧୧୨ ସ୍ୱେଚ୍ଛାସେବୀ ଭାବରେ ପଂଜୀକୃତ ହେବାକୁ ଅନୁରୋଧ ଜଣାଇଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ, ଗୃହ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-'ଟି') ଶ୍ରୀ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା ଥର୍ମାଲ କଟିଂ ଓ ୱେଲ୍‌ଡିଂ ଉତ୍କର୍ଷ କେନ୍ଦ୍ର ସ୍ଥାପନ ଉଦ୍ଦେଶ୍ୟରେ ମେସର କଟିଂ ସିଷ୍ଟମ୍ ଇଣ୍ଡିଆ ପ୍ରା. ଲିଃ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ସ୍କିଲଡ୍ ଇନ୍ ଓଡ଼ିଶା ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ୫.୨୫ କୋଟି ଟଙ୍କା ବ୍ୟୟରେ ଏହି କଟିଂ ଓ ୱେଲ୍‌ଡିଂ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯିବ ବୋଲି ସେ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାଧାରଣ ବଣ୍ଟନ ବ୍ୟବସ୍ଥା, ମଧ୍ୟାହ୍ନ ଭୋଜନ ଏବଂ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଜଳବାୟୁ ଅନୁକୂଳ ପୁଷ୍ଟିଶସ୍ୟକୁ ବୈଷୟିକ ସହାୟତା ଦେବା ଏବଂ ଅନ୍ୟ ଦେଶଗୁଡ଼ିକରେ ଓଡ଼ିଶା ମିଲେଟ୍ ମିଶନର ଅନୁଭୂତି ପ୍ରଦର୍ଶନ କରିବା ପାଇଁ ବିଶ୍ୱନୀତି ମତବିନିମୟ ଆୟୋଜନ କରିବା ଉଦ୍ଦେଶ୍ୟରେ ଓଡ଼ିଶା ମିଲେଟ୍ ମିଶନ ଜାତିସଂଘ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ଭାରତ ସହିତ ଏକ ରାଜିନାମା ସ୍ୱାକ୍ଷର କରିଛି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଲାଗି ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ମଲ୍ଟି ପ୍ରଡକ୍ଟ ପାର୍କ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି । ବର୍ତ୍ତମାନ ୭ଟି ଜିଲ୍ଲାରେ ଏହାର କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ପ୍ରତି ଜିଲ୍ଲା ପାଇଁ ୧୦ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି ବୋଲି ସେ କହିଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୮୭,୩୬,୬୮୯ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୮,୫୯୯ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୫, ୯୨୩ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୧୮ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୭୦୫ ରହିଛି ।
- ୭୦୫ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**